Roll No. | | | | | | |

**Series RKM** **Code No. 14**

- Please check that this question paper contains 4 printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains 10 questions.
- Please write down the serial number of the question before attempting it.

# ORIYA

# ଓଡ଼ିଆ

*Time allowed : 3 hours* *Maximum Marks : 100*

*ସମୟ : 3 ଘଣ୍ଟା* *ପୂର୍ଣ୍ଣ ସଂଖ୍ୟା : 100*

## 'କ' ବିଭାଗ

1. (କ) ବିଶେଷ୍ୟକୁ ବିଶେଷଣ ଓ ବିଶେଷଣକୁ ବିଶେଷ୍ୟରେ ପରିଣତ କର । (୨ଟି) 2

ବୀର, ସୌକୁମାର୍ଯ୍ୟ, ନୀତି

(ଖ) ସନ୍ଧି ବିଚ୍ଛେଦ କର । (୨ଟି) 2

ଦୁଶ୍ଚିନ୍ତା, ସଂଯୋଗ, ଉଦ୍‌ଘାଟନ

(ଗ) ବ୍ୟାସବାକ୍ୟ ସହ ସମାସର ନାମ ଲେଖ । (୩ଟି) 3

ଶୋକାଗ୍ନି, ନିର୍ବିଘ୍ନ, କୃତବିଦ୍ୟ, ଘୃତାନ୍ନ

(ଘ) ନିର୍ଦ୍ଦେଶାନୁଯାୟୀ ବାକ୍ୟ ଗୁଡିକୁ ପରିବର୍ତ୍ତନ କର । (୩ଟି) 3

(i) ମାଧବ ପଇସା ନେଇ ବଜାରକୁ ଗଲା । (ଯୌଗିକ ବାକ୍ୟ କର)

(ii) ଯଦି କଠିନ ପରିଶ୍ରମ କରିବ, ତେବେ ପରୀକ୍ଷାରେ ଭଲ ଫଳ ପାଇବ । (ସରଳ ବାକ୍ୟ କର)

(iii) ସନ୍ଧ୍ୟାହେଲା ଏବଂ ପିଲାମାନେ ପ୍ରାର୍ଥନା କଲେ । (ଜଟିଳ ବାକ୍ୟ କର)

(iv) ମୁଁ ତୁମକୁ ଦେଇଥିବା ବହିଟି କେଉଁଠି ରଖିଛୁ ? (ଜଟିଳ ବାକ୍ୟ କର)

(ଙ) ନିମ୍ନଲିଖିତ ଶବ୍ଦ ଗୁଡିକୁ ସଂଶୋଧନ କର । (୩ଟି) 3

ଅନୁସୂୟା, ଶାରିରୀକ, ଉତ୍କର୍ଷତା, ଭୌଗଳିକ

(ଚ) ନିମ୍ନଲିଖିତ ରୁଢିଗୁଡିକୁ ବ୍ୟବହାରକରି ବାକ୍ୟଗଠନ କର । (୨ଟି) 2

ଗୋବର ଗଣେଶ, ଅଣ୍ଟାଭିଡିବା, କଳାକନା ବୁଲାଇବା

(ଛ) ନିମ୍ନଲିଖିତ ଶବ୍ଦ ଗୁଡିକର ଗଠନ ରୀତି ଦର୍ଶାଅ । (୨ଟି) 2

ବୈଷ୍ଣବ, ପକ୍ଷୀ, ଗମନ

(ଜ) ଆବଶ୍ୟକ ସ୍ଥଳେ ବିରାମ ଚିହ୍ନ ଦିଅ । 3

ଅସହାୟ ଲୋକଟି କହିଲା ପ୍ରଭୁ ତୁମେ ମୋର ଦୁଃଖ ଦୂର ନକଲେ ଆଉ କରିବ କିଏ ତୁମକୁ ଦୀନବନ୍ଧୁ ବୋଲି ଲୋକେ କହନ୍ତି ତାହାର ମର୍ଯ୍ୟାଦା ରକ୍ଷା କର

**2.** ନିମ୍ନଲିଖିତ ଅନୁଚ୍ଛେଦଟି ପଢି ପ୍ରଦତ୍ତ ପ୍ରଶ୍ନ ଗୁଡିକର ଉତ୍ତର ସଂକ୍ଷେପରେ ଲେଖ : 5×2=10

ଆମେ କେବଳ ଆଧୁନିକ ହେବାପାଇଁ ଅନ୍ଧ ଭାବରେ ପୁରାତନ ପରଂପରାକୁ ଭୁଲିଯିବା ଉଚିତ୍ ନୁହେଁ । ସାଂପ୍ରତିକ ସାମାଜିକ ଆବଶ୍ୟକତା ଦୃଷ୍ଟିରୁ ଯାହା ପରିବର୍ତ୍ତନ କରାଯିବା ଉଚିତ୍, ତାହାକୁ ସ୍ୱାଗତ କରାଯାଇ ପାରେ । କିନ୍ତୁ ଅନ୍ୟକୁ ଅନୁକରଣ କରି ନୁହେଁ । ଉଚ୍ଚ ଚିନ୍ତା ଏବଂ ସରଳ ଜୀବନ ଯାପନ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର । ତାହା ଆଜି କଥାକଥିତ ସଭ୍ୟସମାଜରେ ପ୍ରାୟତଃ ବିରଳ । ଆତ୍ମ ଜ୍ଞାନ ହିଁ ସର୍ବ ଜ୍ଞାନର ପରିମାପକ । ଏହାବିନା ମଣିଷ ଗନ୍ଧହୀନ ପଳାଶ ଫୁଲ ପରି ପ୍ରତୀୟମାନ ହୁଏ । ଏମିତି ଅନ୍ତଃସାର ଶୂନ୍ୟ ଜୀବନରେ ସଫଳତାର ଆନନ୍ଦ ଆଦୌ ମିଳି ନ ଥାଏ । ମଣିଷ ଜୀବନର ଲକ୍ଷ୍ୟ କେବଳ ଯେନତେନ ପ୍ରକାରେଣ ବଂଚିବା ନୁହେଁ, ବରଂ କିଛି ମାନବିକ ମହତ୍ କାର୍ଯ୍ୟ କରି ସୁନ୍ଦର ପୃଥିବୀକୁ ଆହୁରି ଅଧିକ ସୁନ୍ଦର କରିବା ।

ପ୍ରଶ୍ନ —

(କ) ସାମାଜିକ ଆବଶ୍ୟକତା ଦୃଷ୍ଟିରୁ କାହାକୁ ସ୍ୱାଗତ କରା ଯାଇ ପାରେ ?

(ଖ) ଭାରତୀୟ ସଂସ୍କୃତି କେଉଁ ଆଦର୍ଶ ଉପରେ ପ୍ରତିଷ୍ଠିତ ?

(ଗ) ସାଂପ୍ରତିକ ସଭ୍ୟସମାଜରେ କେଉଁ ଗୁଣର ଅଭାବ ଦେଖା ଦେଇଛି ?

(ଘ) ମଣିଷ ଗନ୍ଧହୀନ ପଳାଶ ଫୁଲ ପରି ପ୍ରତୀୟମାନ ହୁଏ କାହିଁକି ?

(ଙ) ମଣିଷ ଜୀବନର ଲକ୍ଷ୍ୟ କଣ ହେବା ଉଚିତ୍ ?

3. ଯେ କୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । 12

(କ) ଛାତ୍ର ଓ ସମାଜ ସେବା

(ଖ) ନାରୀଶିକ୍ଷା

(ଗ) ଜାତୀୟ ଐକ୍ୟ

4. ଯେ କୌଣସି ଗୋଟିଏ ବିଷୟରେ ପତ୍ର ଲେଖ । 8

(କ) ସ୍ଥାନୀୟ ବଜାରରେ ମିଳୁ ନଥିବା କେତୋଟି ବହି ଡାକ ଯୋଗେ ପାଇବା ପାଇଁ କୌଣସି ପୁସ୍ତକ ବିକ୍ରେତାଙ୍କ ପାଖକୁ ଏକ ପତ୍ର ଲେଖ ।

(ଖ) ଦୁଇ ଦିନ ଛୁଟି ପାଇଁ ବିଦ୍ୟାଳୟର ଅଧ୍ୟକ୍ଷଙ୍କ ପାଖକୁ ଦରଖାସ୍ତ ଲେଖ ।

(ନିଜ ଠିକଣା ବଦଳରେ ନାମ ପାଇଁ-କ ଏବଂ ସ୍ଥାନ ପାଇଁ-ଖ ଲେଖ)

## 'ଖ' ବିଭାଗ

5. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (୨୫୦ ଶବ୍ଦ ମଧ୍ୟରେ) 8

(କ) ଏକ ବୌଦ୍ଧ ପୀଠ ଭାବରେ ସାରନାଥର ବିଶେଷତ୍ୱ ବର୍ଣ୍ଣନା କର ।

(ଖ) ଗ୍ରାମର ଶିକ୍ଷିତ ସଂପ୍ରଦାୟକୁ ଲେଖକ ଶ୍ରୀକୃଷ୍ଣଙ୍କ ସହିତ ତୁଳନା କରିଛନ୍ତି କାହିଁକି ?

6. ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) 7

(କ) ଅର୍ଜନ ଓ ସଂଚୟ ର ପରିମାଣ ଦ୍ୱାରା ମହତ୍ତ୍ୱ ପରିମିତ ହୁଏ ନିହିଁ ।

(ଖ) ସେହି ଦର୍ଶିତ ମାର୍ଗ ହିଁ ସତ୍ୟର ମାର୍ଗ । ସନ୍ଦେହ ଓ ଅବିଶ୍ୱାସର ସେଠି ସ୍ଥାନ ନାହିଁ ।

7. ଗୋଟିଏ ବା ଦୁଇଟି ବାକ୍ୟରେ ଉତ୍ତର ଲେଖ । (୫ଟି) 5×2=10

(କ) କେଉଁ କାର୍ଯ୍ୟ ଧର୍ମ ନୀତି ବିରୁଦ୍ଧ ହେଲେହେଁ ଆଇନ ସମ୍ମତ ?

(ଖ) ପଲ୍ଲୀରେ ଏକ-ପରିବାରତ୍ୱ ଗଢିଉଠିରାର କି ପ୍ରମାଣ ମିଳେ ?

(ଗ) ଶ୍ରୀକୃଷ୍ଣଙ୍କ ବଂଶର ଶେଷ ଅବସ୍ଥା କଣ ହେଲା ?

(ଘ) ପାଶ ଓ ଅଙ୍କୁଶ କାହା ହାତରେ ଶୋଭାପାଏ ?

(ଙ) ବିଷ୍ଣୁଙ୍କର ଚକ୍ରର ନାମ କଣ ?

(ଚ) ଜଗତ୍ ସିଂହ କିଏ ?

(ଛ) ସାରନାଥର କେଉଁ ଦୃଶ୍ୟକୁ ଲେଖକ ବିଡମ୍ବନା ବୋଲି କହିଛନ୍ତି ?

**8.** ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ । (୨୫୦ ଶବ୍ଦ ମଧ୍ୟରେ) 8

(କ) କୋଣାର୍କକୁ କବି ସଚ୍ଚିଦାନନ୍ଦ ରାଉତରାୟ ଏକ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି କାହିଁକି ?

(ଖ) ଶେଫାଳି ପ୍ରତି କବିତାରେ କୁନ୍ତଳା କୁମାରୀଙ୍କର ଆଧ୍ୟାତ୍ମିକ ଚେତନା କିପରି ପ୍ରକାଶ ପାଇଛି ?

**9.** ସପ୍ରସଙ୍ଗ ସରଳାର୍ଥ ଲେଖ : 7

(କ) ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖି ଲୁହ ।

**କିମ୍ବା**

ବୃତ୍ତିଏ ମୋ ପୋଷେ କୁଟୁମ୍ବ
ବସାଇ ନ ଦେବି ପାଦ ନ ଧୋଇ ନାବ ।

**10.** ଯେ କୌଣସି ***ଦୁଇଟି*** ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ : 2×5=10

(କ) ସାଧାରଣ ଭିକାରୁଣୀ ମାନଙ୍କଠାରୁ କମଳି ଭିନ୍ନ ଥିଲା କିପରି ?

(ଖ) ଆମ୍ବ ଗଛଟି କିପରି ପରିବାରର ବନ୍ଧୁ ଥିଲା ?

(ଗ) ଆମେ ଆଲୁଅ ଖୋଜିଲେ ମରିବା-ଏକଥା କିଏ କାହାକୁ ଓ କାହିଁକି କହିଥିଲା ?

(ଘ) ପୂରବୀଙ୍କ ସହ ସୁବ୍ରତଙ୍କର କି ସଂପର୍କ ଥିଲା ?